## ବିଦ୍ୟୁତ୍ ଖୁଣ୍ଟରେ ପିଟି ହେଲା ବାଇକ୍, ଚାଳକ ମୃତ

କଳିଙ୍ଗନଗର,(ଶୁଭାଶିଷ ରାଉତ): ଯଖିପୁରା ରାବଣା ରାସ୍ତାର ଖଣ୍ଡୁରାଇ ପୀଠ ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟରେ ବାଇକ୍ ପିଟି ହେବାରୁ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ପ୍ରାୟ ସାଢେ ୧୧ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, କେନ୍ଦୁଡିପି ଗ୍ରାମର କାର୍ତ୍ତିକ ଚନ୍ଦ୍ର ବେହେରା (୪୦) ବାଲୁଙ୍ଗା ବନ୍ଦୀ ଗ୍ରାମର ଏକ ବିବାହ ଭୋଜିରେ ଯୋଗଦେଇ ନିଜ ବାଇକ୍‌ରେ ଘରକୁ ଫେରୁଥିଲେ। ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର କାର୍ତ୍ତିକଙ୍କୁ ପ୍ରଥମେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

**ସଂକ୍ଷେପରେ**

## ଦାୟିତ୍ୱ ଗ୍ରହଣ କଲେ ନୂଆ ତହସିଲଦାର



ରସୁଲପୁର,୩ା୩(ରଞ୍ଜିତ ରାଉତ):

ରସୁଲପୁର ତହସିଲଦାର ନିରଞ୍ଜନ ସାହୁଙ୍କ ବଦଳି ହେବା ପରେ ସୋମବାର ତାଙ୍କ ସ୍ଥାନରେ ନୂତନ ତହସିଲଦାର ଭାବେ ସିଦ୍ଧାର୍ଥ କୁମାର ବେହେରା ଯୋଗଦେଇଛନ୍ତି। ତହସିଲଦାର ବେହେରା ତାଙ୍କର ଚାକିରୀ ଜୀବନ ରସୁଲପୁର ତହସିଲରୁ ଆରମ୍ଭ କରିଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ଚାକିରୀ ପାଇଁ ତାଲିମ ନେଇ ସେ ପ୍ରଥମଥର ପାଇଁ ଏହି ତହସିଲରେ ତହସିଲଦାର ଭାବେ ଦାୟିତ୍ୱ ନେଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ସେ ତାଙ୍କ କାର୍ଯ୍ୟକାଳ ସମୟରେ ସବୁବର୍ଗର ଲୋକଙ୍କୁ ତାଙ୍କ କାର୍ଯ୍ୟାଳୟରୁ ତ୍ୱରିତ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ତହସିଲଦାର ବେହେରାଙ୍କୁ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହାପରେ ସେ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ବିଭିନ୍ନ ପ୍ରସଙ୍ଗରେ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ ।

# ଚାଷଜମିରୁ ଜଳ ନିଷ୍କାସନକୁ ନେଇ ତଦନ୍ତ ଆରମ୍ଭ

ରସୁଲପୁର,୩ା୩(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ ପଞ୍ଚାୟତର ବରଗାଡିଆ, କାଠମାଳିଆ, ଧୋବାଗାଡିଆ ଭଳି ଏକାଧିକ ଚକରେ ବହୁ ମୂଲ୍ୟବାନ ଚାଷ ଜମି ରହିଛି । ଏହି ଜମିରେ ବର୍ଷରେ ଅନୂନ୍ୟ ୬ମାସ ପାଣି ଜମି ରହୁଥିବାରୁ ଚାଷୀମାନଙ୍କ ଭାତହାଣ୍ଡି ପ୍ରଭାବିତ ହେଉଛି । ଏଭଳି ଭାବେ ପଞ୍ଚାୟତର ଓଡିଶୋ, ଅଣ୍ଡେଇଗୋଡା, ହାଟିସିଂହାପୁର, ଅରଡିଆ, କୁସୁନପୁର, ମାନପୁର ଆଦି ଗ୍ରାମର ଆଂଶିକ ଅଞ୍ଚଳକୁ ନେଇ ୨ଶହରୁ ଊର୍ଦ୍ଧ୍ୱ ଏକର ଚାଷ ଜମିରେ ପାଣି ଜମି ରହୁଛି । ଏହାଦ୍ୱାରା ସଂପୃକ୍ତ ଗ୍ରାମର ୧ହଜାରରୁ ଊର୍ଦ୍ଧ୍ୱ ଚାଷୀ ପରିବାର ପ୍ରଭାବିତ ହେଉଛନ୍ତି । ଏହି ଚକରେ ଚାଷ ଜମିରେ ଚାଷକାର୍ଯ୍ୟ ହୋଇପାରୁ ନ ଥିବାରୁ ଚାଷୀମାନେ କୌଳିକ ବୃତ୍ତି ଛାଡି ଅନ୍ୟ କାର୍ଯ୍ୟରେ ମନ ନିବେଶ କରିବାକୁ ବାଧ ହେଉଛନ୍ତି। ଏହି ସମସ୍ୟା ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ଲାଗି ରହିଛି । ଉକ୍ତ ସମସ୍ୟାକୁ ଦୂର କରିବାକୁ ନେଇ ଚାଷୀମାନେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଛନ୍ତି । ସେମାନଙ୍କ ସମସ୍ୟାର ଆଶୁ ସମାଧାନ ହୋଇପାରୁ ନ ଥିବାରୁ ଜୁନ,୨୦୨୪ରେ ଉକ୍ତ ସମସ୍ୟାକୁ ନେଇ ସାମାଜିକ କର୍ମୀ ମନୋଜ ନାୟକଙ୍କ ସମେତ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ । ବିଭିନ୍ନ ଗ୍ରାମରୁ ବର୍ଷା ଜଳ ନିଷ୍କାସନ ହୋଇ ଚକରେ ଗଚ୍ଛିତ ହେବା ସହ ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେବା ସମୟରେ ମାନପୁର ନିକଟରେ ଥିବା ସ୍ଲୁଇସ୍ ନାଳ ଦେଇ ନଦୀ ଜଳ ପ୍ରବାହିତ ହୋଇ ଚକରେ ଜମି ରହିଥାଏ । ଉକ୍ତ ଜଳ ନିଷ୍କାସନ ନେଇ ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ତଦନ୍ତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ଜାରକା ଡିଭିଜନ ଅଧୀନ କୁଆଖିଆ ସବ୍ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉକ୍ତ ନିର୍ଦ୍ଦେଶ ମୁତାବକ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଭୀମସେନ ମହାରଣା, ଜନ୍ମେଜୟ ଷଡ଼ଙ୍ଗୀ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ । ପ୍ରଭାବିତ ଚକର ସୀମାନ୍ତବର୍ତ୍ତୀ ଅଞ୍ଚଳଦେଇ ଯାଇଥିବା ରାସ୍ତା ଉଚ୍ଚା ହୋଇଯାଇଥିବାରୁ ଚକରୁ ଜଳ ନିଷ୍କାସନ ହୋଇପାରୁ ନ ଥିବା ତଦନ୍ତ ବେଳେ ଚାଷୀମାନଙ୍କ ସହ ଆଲୋଚନାରୁ ଜଣାପଡିଥିଲା । ଉକ୍ତ ରାସ୍ତା ଯୋଗୁ ଜମି ରହୁଥିବା ପାଣିକୁ ନିଷ୍କାସନ କରାଯାଇ ଦପାନାଳ ସହ ସଂଯୋଗ କରାଗଲେ ଉକ୍ତ ଚକରେ ବର୍ଷସାରା ଫସଲ ଉତ୍ପାଦନ ହୋଇପାରନ୍ତା ବୋଲି ଚାଷୀମାନେ ମତ ରଖିଥିଲେ । ଏଠାରେ ନିର୍ମାଣ ହୋଇଥିବା ରାସ୍ତାଟି ପଞ୍ଚାୟତରାଜ ବିଭାଗ ଅଧୀନରେ ଆସୁଥିବାରୁ ଏ ନେଇ ଜିଲାପାଳଙ୍କ ନିକଟରେ ଚାଷୀମାନେ ଅଭିଯୋଗ କରିବା ସହ ଉକ୍ତ ରାସ୍ତାଟି ତାଙ୍କ ବିଭାଗକୁ ହସ୍ତାନ୍ତର କରାଯିବା ପରେ ବିଭାଗ ଯାହାକିଛି ପଦକ୍ଷେପ ନେଇପାରିବ ବୋଲି ମତ ଦେଇଥିଲେ । ଏହାଛଡା ଡ୍ରେନଜ୍ ବିଭାଗ ପକ୍ଷରୁ ଏହି ସମସ୍ୟା ସମାଧାନ ହୋଇପାରିବ ବୋଲି କୁହାଯାଇଥିଲା ।



ତଦନ୍ତ କରିବାକୁ ଆସିଥିବା ଅଧିକାରୀଙ୍କ ସହ ଗ୍ରାମବାସୀ ।

## ପ୍ରସିଦ୍ଧ ବାଲିସାହି ମେଳଣ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ସାମିଲ ହୋଇଥିବା ଗ୍ରାମବାସୀ ।

ଜେନାପୁର,୩ା୩(ଅଶୋକ ଦାସ):

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଧୀନ ବାଲିସାହି ମେଳଣ ପଡ଼ିଆରେ ଆସନ୍ତା ୨୧ ତାରିଖରେ ପ୍ରସିଦ୍ଧ ଶ୍ରୀ ରାଧାକୃଷ୍ଣଜୀଉଙ୍କ ମେଳଣ ଅନୁଷ୍ଠିତ ହେବ । ଚଳିତବର୍ଷ ଏହି ମେଳଣର ୫୩ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯିବ । ଏହାକୁ ଆଖି ଆଗରେ ରଖି ସୋମବାର ମା'ବାଘୁଆ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ମେଳଣ କମିଟିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବ ବିବରଣୀ ଉପସ୍ଥାପନ କରାଯିବା ସହ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ୨ ପଞ୍ଚାୟତର ଯୁବଗୋଷ୍ଠୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ଏହା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । କମିଟି ପକ୍ଷରୁ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ବାହିନୀ ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସାମିଲ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ମେଳଣକୁ ସୂଚାରୁ ରୂପେ ପରିଚାଳନା ନିମନ୍ତେ ସମସ୍ତ ସଦସ୍ୟ ତଥା ଗ୍ରାମବାସୀଙ୍କ ସହଯୋଗ କାମନା କରାଯାଇଥିଲା । ଉକ୍ତ ବୈଠକରେ କମିଟିର ସଭାପତି ବଟକୃଷ୍ଣ ପଣ୍ଡା, ପାଣ୍ଡବ ଚରଣ ବେହେରା, କୈଳାସ ଚନ୍ଦ୍ର ରାଉତ, ଅକ୍ଷୟ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସାହୁ, ଗଙ୍ଗାଧର ପଣ୍ଡା, ରଘୁନାଥ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ରବିନ୍ଦ୍ର ସ୍ୱାଇଁ , ଦୁଷ୍ମନ୍ତ କୁମାର ବଳ, ବଂଶୀଧର ମହାରଣା, କାଙ୍ଗାଳୀ ଚରଣ ସେଠୀ, ସଦାଶିବ ପ୍ରଧାନ, ପ୍ରମୋଦ ଧିରଙ୍କ ସମେତ ଆଞ୍ଚଳିକ ମେଳଣ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଧ୍ରୁବାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ପ୍ରତିକ ରାଜନୀତି ନୀତି ଆଦର୍ଶରୁ ଦୂରେଇ ଯାଉଛି



ବନ୍ଧୁମିଳନ ଉତ୍ସବରେ ମଞ୍ଚାସୀନ ମାନ୍ୟଗଣ୍ୟ ବ୍ୟକ୍ତି ।

## ପୁରୁଖା ରାଜନୈତିକ ବ୍ୟକ୍ତି ଓ ସଙ୍ଗଠନଙ୍କ ବନ୍ଧୁ ମିଳନ

ରସୁଲପୁର,୩ା୩(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଜଳସେଚନ ଡାକବଙ୍ଗଳାରେ ପୁରୁଖା ରାଜନୈତିକ ବ୍ୟକ୍ତିମାନଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା । ଏଥିରେ ସେହି ପୁରୁଖା ନେତାମାନେ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିଥିଲେ । ଦଳମତ ନିର୍ବିଶେଷରେ ଧୋତି ପିନ୍ଧାନେତା ଓ ରାଜନୈତିକ ସଙ୍ଗଠକମାନେ ଏକାଠି ହୋଇ ସେ ସମୟର ରାଜନୀତି ଓ ସାମ୍ପ୍ରତିକ ରାଜନୀତିରେ ରହୁଥିବା ଫରକକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ରାଜନୀତିରୁ ନୀତି ଆଦର୍ଶ ଦୂରେଇ ଯାଉଥିବା ବେଳେ ଏବେ ରାଜନୀତି ଚାକଚକ୍ୟ ଓ ଚାଟୁକାରତା ଆଡକୁ ମୁହାଁଉଛି ବୋଲି କହିଥିଲେ । ଏହି ଅବସରରେ ଧର୍ମଶାଳାର ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତଙ୍କୁ ସମ୍ମାନିତ କରାଯାଇ ତାଙ୍କର ରାଜନୈତିକ ନୀତି ଆଦର୍ଶ ନିଆରା ଥିଲା ବୋଲି ପ୍ରକାଶ କରିଥିଲେ । ସେ ସମୟରେ ରାଜନୀତି ସହ ଅଙ୍ଗାଙ୍ଗୀ ଭାବେ ଜଡିତ ଥିବା ଓ ଗୁରୁଚରଣଙ୍କ ନିକଟତମ ବ୍ୟକ୍ତିମାନେ ଏକତ୍ରିତ ହୋଇ ଟିକାୟତଙ୍କ ଗୁଣଗାନ କରିବା ସହ ସେ କିଭଳି ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ କାମ କରୁଥିଲେ ସେ ସମ୍ପର୍କରେ ନାନା ଉଦାହରଣ ଦେଇଥିଲେ । ଏବେ ରାଜନୀତିରେ ପୁରୁଣା ଲୋକଙ୍କୁ ଅଣଦେଖା କରାଯାଉଛି । ବେକାର ଯୁବତୀଯୁବକମାନଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳାଯାଉଛି। ବେକାରମାନଙ୍କୁ ନିଯୁକ୍ତି ଦେବା ବଦଳରେ ସେମାନଙ୍କୁ ନିୟୋଜିତ କରି ଫାଇଦା ନେବାରେ ରାଜନେତାମାନେ ବ୍ୟସ୍ତ ରହୁଥିବାର ଲକ୍ଷ୍ୟ କରାଯାଉଛି ବୋଲି ଉକ୍ତ ବନ୍ଧୁ ମିଳିନ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା ।

ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ଜିଲାପରିଷଦ ସଦସ୍ୟ ସୁଧିର କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ମୋହନ ଦାଶ, କଂଗ୍ରେସ ନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟ, ବିଜେଡି ଜିଲାପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, କୃଷକ ନେତା ପ୍ରଭାକର ନାୟକ, ନକୁଳ ଚରଣ ରାଉତ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାଳିକ, ରବିନ୍ଦ୍ର ସାହୁ, ବାବୁଲି ପୃଷ୍ଟି, ପୂର୍ବତନ ସମିତିସଭ୍ୟ ବଟକୃଷ୍ଣ ସାହୁ, ରାଜନେତା ଜଳଧର ସାହୁ, ନିର୍ମଳ ସାମଲ, ବରିଷ୍ଠ ନାଗରିକ ନଟବର ପଣ୍ଡା, ସାମାଜିକର୍ମୀ ମନ୍ଦାକିନୀ ଜେମା, ସମବାୟ ନେତା ଶ୍ରୀଧର ବେହେରା, ଅଭୟ ଦାସ, ବରିଷ୍ଠ ନେତା ଅବୁଲ କାଲାମ, ମିହିର ମିଶ୍ର, ନାରାୟଣ ଜେନା ପ୍ରମୁଖ ଟିକାୟତଙ୍କ ରାଜନୈତିକ ଜୀବନଶୈଳୀ ଓ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହିତ ବରିଷ୍ଠ ସଙ୍ଗଠକ ଅଲେଖ ପଲେଇ, ରଶ୍ମି ରଞ୍ଜନ ରଥ, ଅଜୟ ସାହୁ, କାର୍ତ୍ତିକ ପଣ୍ଡା, ଦଧି ମହାପାତ୍ର, ପ୍ରମୋଦ ପ୍ରଧାନ, ତପନ ପଣ୍ଡା, ଲକ୍ଷ୍ମୀଧର ମହାପାତ୍ର, ଦିଲୀପ ନାୟକ, ଲକ୍ଷ୍ମୀ ନାରାୟଣ ମହାନ୍ତି, ସୂର୍ଯ୍ୟମଣି ମହାନ୍ତିଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ରାଜନୈତିକ ବ୍ୟକ୍ତିମାନେ ଯୋଗଦେଇଥିଲେ । ବରିଷ୍ଠ ସଙ୍ଗଠକ ବିରଳ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଟିରୁ ପଡ଼ି ସ୍ୱାସ୍ଥ୍ୟକର୍ମୀ ଆହତ

ପାଣିକୋଇଲି,୩ା୩ (ବିକାଶ କୁମାର ମଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନଂ.ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ସ୍କୁଟିରୁ ଖସିପଡ଼ି ସ୍ୱାସ୍ଥ୍ୟକର୍ମୀ ଆହତ ହୋଇଛନ୍ତି। ଖବର ପାଇ ରାଜପଥ ପାଟ୍ରୋଲିଂ ପୋଲିସ ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଇଛନ୍ତି । ସୂଚନା ଅନୁଯାୟୀ, ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଆଖୁଆପଦା ଗ୍ରାମର ସତ୍ୟଜିତ ବେହେରା ଓ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ତଥା ତାଙ୍କ ସ୍ତ୍ରୀ ଅମିତା ଏକ ସ୍କୁଟିରେ ଆଖୁଆପଦାରୁ ଦାନଗଦୀ ଯାଉଥିବା ବେଳେ ଚାନ୍ଦପୁର ନିକଟରେ ଏକ ଗାଡ଼ି ସାଇଡ୍ ମାରିବାରୁ ସେ ଡ୍ୱିଭାଇଡ଼ରରେ ପିଟି ହୋଇ ଆହତ ହୋଇଥିଲେ ।

## ବିଶୁଦ୍ଧ ପାନୀୟଜଳ ଯୋଗାଣର ଶୁଭାରମ୍ଭ



ବିଧାୟକ ହିମାଂଶୁ ଶେଖର ସାହୁ ପାନୀୟଜଳ ଯୋଗାଣର ଶୁଭାରମ୍ଭ କରୁଛନ୍ତି।

ଧର୍ମଶାଳା/କାଏମା,୩ା୩ (ବଟକୃଷ୍ଣ ପରିଡ଼ା/ ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୋମବାର ଅପରାହ୍ନ ପ୍ରାୟ ୪ଟା ବେଳେ ଧର୍ମଶାଳ ମହୋତ୍ସବ ପଡ଼ିଆରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି । ଧର୍ମଶାଳା ବ୍ଲକରେ ୨୦ଟି ପଞ୍ଚାୟତ ପାର୍ବତ୍ୟ ଅଞ୍ଚଳ ରହିଥିବରୁ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଦେଖା ଦେଇଥାଏ । ଏହି ସମସ୍ୟାକୁ ଦୂର କରିବାକୁ ଗତ ପଞ୍ଚାୟତ ସମିତି ବୈଠକରେ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ମୋଟ ୭୨ଟି ଟ୍ୟାଙ୍କର ଯୋଗେ ଧର୍ମଶାଳା ବ୍ଲକର ସମସ୍ତ ପଞ୍ଚାୟତକୁ ସୋମବାରଠାରୁ ଗ୍ରୀଷ୍ମଋତୁ ଶେଷ ଯାଏ ପାନୀୟ ଜଳ ଯୋଗାଣ କରାଯିବାକୁ ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ବେଉରା, ଧର୍ମଶାଳା ବିଡ଼ିଓ ଜ୍ୟୋତିମୟ କର, ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ ଓ ଯାଜପୁର ଏମ୍‌ପିଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

## ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ଧର୍ମଶାଳା,୩ା୩(ବଟକୃଷ୍ଣ ପରିଡ଼ା) :



ଧର୍ମଶାଳା ତହସିଲରେ ନୂତନ ତହସିଲଦାର ଭାବେ ସମୀର ରଞ୍ଜନ ଦାଶ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବାସୁଦେବପୁର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ । ଏଠାରେ ଥିବା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ କାମାକ୍ଷାନଗର ତହସିଲକୁ ବଦଳି କରାଯାଇଛି। ମହାନ୍ତି ନୂତନ ତହସିଲଦାର ଦାଶଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ନୂତନ ତହସିଲଦାର ଦାଶ କହିଛନ୍ତି, ଲୋକଙ୍କ ସମସ୍ୟା ଓ ପଡ଼ିରହିଥିବା ରାଜସ୍ୱ ଆଦାୟକୁ ଗୁରୁତ୍ୱ ଦେବେ। ନୂତନ ତହସିଲଦାରଙ୍କୁ ଅତିରିକ୍ତ ତହସିଲଦାର ଭବେଶ ମାଝୀ ଓ ଗଗନ ବିହାରୀ ଦାଶଙ୍କ ସମେତ ସମସ୍ତ ତହସିଲ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଦୋଳ ମେଳଣ ପାଇଁ ପ୍ରସ୍ତୁତି ବୈଠକ

ପାଣିକୋଇଲି,୩ା୩ (ବିକାଶ କୁମାର ମଲିକ):

ପାଣିକୋଇଲିର ୪୦ ତମ ଦୋଳ ମେଳଣ ଆସନ୍ତା ୨୧ ଓ ୨୨ ତାରିଖ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ କମିଟିର ସଭାପତି ଘନଶ୍ୟାମ ପଣ୍ଡାଙ୍କ ଆବାହକତ୍ୱରେ ସ୍ଥାନୀୟ ମା'ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମେଳଣକୁ କିପରି ସରସ ସୁନ୍ଦର ଭାବେ ଆୟୋଜିତ କରିହେବ ସେଥିପାଇଁ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ସଭାପତି ଘନଶ୍ୟାମ ପଣ୍ଡା, ସମ୍ପାଦକ ଅଜୟ କୁମାର ମଲିକଙ୍କ ସମେତ ଅଦୈତ ଚରଣ ଦାଶ , ରଘୁନାଥ ମାଝୀ , ଶ୍ୟାମ ସୁନ୍ଦର ସାମଲ, ମଧୁସୂଦନ ସାହୁ ,ପୀତବାସ ବେହେରା, ସୂର୍ଯ୍ୟମଣି ପଣ୍ଡା, କାର୍ତ୍ତିକ ମଲିକ, ଅଶୋକ ପଣ୍ଡା,ଗଣେଶ ମଲିକ, ରମେଶ ସାହୁ, ବୃନ୍ଦାବନ ମହାକୁଡ଼, ଦଶରଥ ଦଳାଇ, ପଙ୍କଜ ଧଳ, ନାରାୟଣ ଦଳାଇ, ଶ୍ରୀଧର ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ପ୍ରଭାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମହେଶ୍ୱରପୁର ଅଗ୍ନିକାଣ୍ଡ



ଯାଜପୁର ସଦର,୩ା୩(ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶରପୁର (ପଦନା)ଗ୍ରାମରେ ଅଗ୍ନିକାଣ୍ଡ ଘଟି ନାରାୟଣ ମଲିକଙ୍କ ୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି । ନାରାୟଣଙ୍କ ପରିବାର ସଦସ୍ୟମାନେ ଅପରାହ୍ନ ପ୍ରାୟ ସାଢ଼େ୨ଟା ସମୟରେ ଖଳାରେ କୋଳଥ ଅମଳ କରୁଥିଲେ । ହଠାତ୍ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ପରିବାର ଲୋକଙ୍କ ପାଟିଶୁଣି ଗାଁ ଲୋକମାନେ ଦୌଡ଼ି ଆସି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ଖବର ପାଇ ବରୁଆଁ ଅଗ୍ନିଶମ ସେବା ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଘରେ ଥିବା ବିରି, କୋଳଥ, ମୁଗ, ଧାନ, ଚାଉଳ, ନଗଦ ୧୪ହଜାର ୫୦୦ ଟଙ୍କା, ଲୁଗାପଟା, ବାସନକୁସନ ସହ ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଏହି ଖବର ପାଇ ସରପଞ୍ଚ ସୁଜିତ୍ କୁମାର ରାୟଙ୍କ ସମେତ ଅନ୍ୟ ଲୋକପ୍ରତିନିଧିମାନେ ନାରାୟଣଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## ଡିଜେ ଜବତ କଲା ପୋଲିସ

ଯାଜପୁର ଟାଉନ,୩ା୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ସହରରେ ରାତି ୧୦ଟା ପରେ ଡିଜେ ବାଜିବ ନାହିଁ ବୋଲି ଯାଜପୁର ଟାଉନ ପୋଲିସ ସମସ୍ତ ଡିଜେ ମାଲିକମାନଙ୍କୁ ଡାକି ଏକ ବୈଠକ କରିଥିଲା। ଏଥିରେ ଯାଜପୁରସହରରେ ଥିବା ସମସ୍ତ ମଣ୍ଡପର ମାଲିକମାନେ ଯୋଗଦେଇଥିଲେ। ରବିବାର ଗରିଆପୁରଠାରେ ରାତି ୧୦ଟା ପରେ ଏମ୍‌ଆର୍‌କେ ଡିଜେ ବାଜୁଥିବା ଜଣାପଡିବା ପରେ ଯାଜପୁର ପୋଲିସ ଜବତ କରି ଧାରା ୫ ଓଡ଼ିଶା ଫାୟାର ୱାର୍କ୍ସ ଏଣ୍ଡ ଲାଉଡ୍‌ସ୍ପିକର ରେଗୁଲେଶନ୍ ଆକ୍ଟ ୧୯୮୫ ମୁତାବକ ଏକ ମାମଲା(ନଂ.୨୭/୨୦୨୫) ରୁଜୁ କରିଛି। ଏହିମାମଲା କୋର୍ଟକୁଯାଇଛିବୋଲିଟାଉନ ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଦିନଦ୍ୱିପ୍ରହରରେ ସିଆର୍‌ପିଙ୍କ ଘରୁ ଚୋରି

କାଏମା,୩ା୩(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଥାନା ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତର ଜଣେ ସିଆରପିଙ୍କ ଘରୁ ଦିନଦ୍ୱିପ୍ରହରରେ ଘର ଗ୍ରୀଲ ଭାଙ୍ଗି ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉତ୍ତରପ୍ରତାପ ପଞ୍ଚାୟତର ସସ୍ମିତା ଭଦ୍ର କିଛିଦିନ ହେବ ମିଶନ ଶକ୍ତିର ସିଆରପି ଅଛନ୍ତି । ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ସେ ଘର ଗ୍ରୀଲରେ ତାଲା ପକାଇ ଅଫିସ କାମରେ ବ୍ୟାଙ୍କ ଯାଇଥିଲେ। ଏହି ସୁଯୋଗରେ କିଏ ତାଙ୍କ ଗ୍ରୀଲ ତାଲା ଭାଙ୍ଗି ଘର ଭିତର ଗଡରେଜରୁ ୩୦ହଜାର ଟଙ୍କା ଓ ୨ରୁ ୩ ଭରି ଓଜନର ସୁନା ଗହଣା ନେଇଯାଇଥିଲେ । ଗଡ଼ରେଜରେ ଥିବା ଅନ୍ୟାନ୍ୟ ସାମଗ୍ରୀ ବାହାରେ ପଡିଥିଲା । ଏ ସଂକ୍ରାନ୍ତରେ ଧର୍ମଶାଳା ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ



ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ।

ପାଣିକୋଇଲି,୩ା୩ (ବିକାଶ କୁମାର ମଲିକ):

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ଭକଣ୍ଡାରୀ ଗ୍ରାମରେ ଠାକୁର ଅନୁକୁଳଚନ୍ଦ୍ରଙ୍କ ୧୩୭ତମ ଆବିର୍ଭାବ ମହୋତ୍ସବ ତଥା ଭକଣ୍ଡରୀ ସତସଙ୍ଗ କେନ୍ଦ୍ରର ତ୍ରିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବେଦ ମାଙ୍ଗଳିକ ଉଷା କୀର୍ତ୍ତନ ପରେ ଭକ୍ତମାନେ ନଗରକୀର୍ତ୍ତନ କରି ବଜାର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ସତ୍‌ସଙ୍ଗ ସଭା ଯାଜପୁର ସତ୍‌ସଙ୍ଗ କେନ୍ଦ୍ରର ମୁଖ୍ୟଋତ୍ୱିକ ଅଚ୍ୟୁତାନନ୍ଦ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ କଟକ ପୁଷ୍ପଗିରି ସତ୍‌ସଙ୍ଗ କେନ୍ଦ୍ରର ଋତ୍ୱିକ ପ୍ରମୋଦ କୁମାର ଶତପଥୀ ଯୋଗଦେଇ ଠାକୁରଙ୍କ ଜୀବନୀ ଉପରେ ଅଲୋକପାତ କରିଥିଲେ। ରିତିକ୍ ପିତାମ୍ବର ପତି, ବଟକୃଷ୍ଣ ଦାସ, ଦୟାନିଧୀ ସାହୁ, ଅଚ୍ୟୁତାନନ୍ଦ ସାହୁ, ଦ୍ୟୁତିଦେବ ଦାସ ପ୍ରମୁଖ ଠାକୁରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଉତ୍ସବ କମିଟିର ସଭାପତି ଘନଶ୍ୟାମ ସାହୁ, ଗଗନବିହାରୀ ସାହୁ, ଗଦାଧର ସାହୁ, ହରିହର ରାଉତ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପ୍ରତି ବ୍ଲକରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

**ଜିଲାସ୍ତରୀୟ ଗ୍ରୀଷ୍ମପ୍ରବାହ ସୁପରିଚାଳନା ପ୍ରସ୍ତୁତି ବୈଠକ**

ଯାଜପୁର,୩ା୩(ହର୍ଷବର୍ଦ୍ଧନ ବେହେରା)



ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନେ ।

ଯାଜପୁର ଜିଲାରେ ଗ୍ରୀଷ୍ମପ୍ରବାହର ମୁକାବିଲା ନିମନ୍ତେ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଏଥିରେ ଅଧ୍ୟକ୍ଷତା କରି ସମସ୍ତ ବିଭାଗୀୟ ଅଧିକାରୀ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ, ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାରହିବ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ୍ ଲାଇନ୍‌ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ପାଣି ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଭଳି କୌଣସି ଅଭିଯୋଗ ନ ଆସେ ସେଥିପ୍ରତି ଧ୍ୟାନଦେବାକୁ ପରାମର୍ଶ ଦେଇଛନ୍ତି। ବ୍ଲକରୁ ଆସିଥିବା ନୂତନ ପ୍ରସ୍ତାବ ଅନୁଯାୟୀ, ନଳକୂଅ ୧୫ ମାର୍ଚ୍ଚ ସୁଦ୍ଧା ବସାଇବା, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଇବାକୁ ଜଳଯୋଗାଣ ଓ ପରିମଳ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟଗୁଡ଼ିକରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା, ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜଳଛତ୍ରଗୁଡ଼ିକରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ରଖିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ସିନଟେକ୍ସ ଟ୍ୟାଙ୍କ ମାଧ୍ୟମରେ ପାନୀୟ ଜଳ ରଖିବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ପ୍ୟାକେଟ୍ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁମାନଙ୍କ ପାଇଁ ଗାଁର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନଗୁଡ଼ିକରେ ଜଳକୁଣ୍ଡର ବ୍ୟବସ୍ଥା, ଶ୍ରମିକମାନେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟ ଜଳ, ଓଆର୍‌ଏସ୍ ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅଂଶୁଘାତଜନିତ ମୃତ୍ୟୁହେଲେ ତହସିଲଦାର ଓ ମେଡିକାଲ ଅଫିସରଙ୍କ ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ଯୁଗ୍ମ ତଦନ୍ତ କରି ରିପୋର୍ଟପ୍ରଦାନ କରିବେ। ବୈଠକରେ ଜିଲା ଜରୁରିକାଳୀନ ଅଧିକାରୀ ଅଶୋକ କୁମାର ବେହେରା, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସମସ୍ତ କ୍ଷେତ୍ରୀୟ ଅଧିକାରୀ ଓ ସମସ୍ତ ବିଡିଓ ଏବଂ ତହସିଲଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ନିଆଁ ଲାଗି ଜଳିଗଲା ୨ ବଖରା**

ରାଜକନିକା, (ରବୀନ୍ଦ୍ର କୁମାର ଦାସ): ରାଜକନିକା ଥାନା ଅନ୍ତର୍ଗତ ତାଲିକାଏନ୍ଦା ଗାଁର ରବୀନ୍ଦ୍ର ଗୁରୁ, ରମାକାନ୍ତ ଗୁରୁ, ରତ୍ନାକର ଗୁରୁଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡରେ ୨ ବଖରା ଜଳିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଅପରାହ୍ନରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ରାଜକନିକା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମୃତ୍ତିକା ପରୀକ୍ଷଣକୁ ବିରୋଧ ପାଇଁ ଚାଷୀ କମିଟି ଗଠିତ

**ରାଜନୈତିକ ଆଲୋଚନା ବିଫଳ**

କୁଜଙ୍ଗ, ୩।୩(ମନୋଜ ପ୍ରଧାନ)


ମା' ବରୁଣେଇ ପୀଠରେ ଆୟୋଜିତ ବୈଠକରେ ଯୋଗଦେଇଥିବା ଚାଷୀମାନେ।

ପ୍ରସ୍ତାବିତ ପେଟ୍ରୋକେମିକାଲ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଉଦ୍ଦିଷ୍ଟ ଜମିର ପରୀକ୍ଷଣ ନିମନ୍ତେ ଗତ ଶନିବାର ରାତିରେ ରାଜନୈତିକ ଆଲୋଚନା ବିଫଳ ହୋଇଛି। ଏହାପରେ ସୋମବାର ସନ୍ଧ୍ୟାରେ ଚାଷୀମାନେ ମା' ବରୁଣେଇ ପୀଠ ପ୍ରତାପପୁରରେ ଏକାଠି ହୋଇ ୨୦୧୩ କ୍ଷତିପୂରଣ ଓ ଥଇଥାନ ନୀତି ଆଧାରରେ ସହାୟତା ରାଶି ପ୍ରଦାନ ନକଲେ କୌଣସି ପରିସ୍ଥିତିରେ ମୃତ୍ତିକା ପରୀକ୍ଷଣ କରାଇ ଦିଆଯିବ ନାହିଁ ବୋଲି କୁହାଯାଇଛି। ମା'ବରୁଣେଇ କୃଷକ ଏକତା ମଞ୍ଚ ପକ୍ଷରୁ ଏହି ବୈଠକ ଆୟୋଜନ କରାଯାଇଥିଲା।

ପ୍ରକାଶ ଯେ, କୁଜଙ୍ଗ ତହସିଲ ଅନ୍ତର୍ଗତ ପ୍ରତାପପୁର ଓ ଫତେପୁର ମୌଜାର ୭୨୨ ଏକର ଜମି ୨୦୦୮ ମସିହାରେ ଇଡ୍‌କୋ ଅଧିଗ୍ରହଣ କରିଥିଲା। ଏଥିନିମନ୍ତେ ଏକର ପ୍ରତି ଜମିର ମୂଲ୍ୟ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ସହ ମୋଟ ୧୩ ଲକ୍ଷ ୫୭ ହଜାର ଟଙ୍କା ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ମାତ୍ର ଚାଷୀମାନେ ଅଧିକ କ୍ଷୟକ୍ଷତି ରାଶି ଦାବି କରିଆସୁଥିଲେ। ବରୁଣେଇ କୃଷକ ଏକତା ମଞ୍ଚ ପକ୍ଷରୁ ଚାଷୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟଙ୍କ ମଧ୍ୟବର୍ତ୍ତୀ ନିର୍ଦ୍ଦେଶ ଅନୁସାରେ ଚାଷୀମାନେ ଏକର ପ୍ରତି ସ୍ଥିରୀକୃତ ୧୩ ଲକ୍ଷ ୫୭ ହଜାର ଟଙ୍କା ଗ୍ରହଣ କରିଥିଲେ। ଅନ୍ୟପଟେ ଉଚ୍ଚ ନ୍ୟାୟାଳୟରେ ଚାଲିଥିବା ମୋକଦ୍ଦମାର ଶୁଣାଣି ଶେଷ ହୋଇଥିଲେ ବି ଚୂଡ଼ାନ୍ତ ରାୟ ସଂରକ୍ଷିତ ଅଛି। କିନ୍ତୁ ଉକ୍ତ ଜମି ଉପରେ ପ୍ରସ୍ତାବିତ ପେଟ୍ରୋ କେମିକାଲ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ମୃତ୍ତିକା ପରୀକ୍ଷଣ ପାଇଁ କମ୍ପାନୀ ଓ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉଥିବା ଅଭିଯୋଗ କରି କୃଷକ ଏକତା ମଞ୍ଚ ବିରୋଧ କରିଆସୁଛି। ଏନେଇ ଶନିବାର ରାତିରେ ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଏମ୍‌ପି ବିଭୁ ପ୍ରସାଦ ତରାଇ ପାରାଦୀପ ସର୍କିଟ ହାଉସଠାରେ ଚାଷୀ କମିଟିକୁ ଡକାଇ ପାରାଦୀପର ଅତିରିକ୍ତ ଜିଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ମାତ୍ର ଏହି ଆଲୋଚନାରେ ସହମତି ନ ହେବାରୁ ବିଫଳ ହୋଇଥିଲା। ସୋମବାର ସନ୍ଧ୍ୟାରେ କୃଷକ ଏକତା ମଞ୍ଚର ସଭାପତି ସଂଗ୍ରାମ ରାଉତରାୟଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷକ ନେତା ଗୌର ହରି ସ୍ୱାଇଁ ଯୋଗଦେଇ ଏହି ପ୍ରକଳ୍ପ ପାଇଁ ବଂଶାନୁକ୍ରମିକ ନିଯୁକ୍ତି ବ୍ୟବସ୍ଥା ଲାଗୁ କରିବାକୁ ଦାବି କରିଥିଲେ। ସେ କହିଥିଲେ, ଆଇନରେ ଅଛି ଜମି ଅଧିଗ୍ରହଣର ୫ ବର୍ଷ ମଧ୍ୟରେ ପ୍ରକଳ୍ପ ନ ହେଲେ ଚାଷୀଙ୍କୁ ସେମାନଙ୍କ ଜମି ଫେରାଇ ଦିଆଯିବ। ସେହି ଆଇନ ବଳରେ ଆମକୁ ଜମି ଫେରାଇ ଦିଆଯାଉ। ନଚେତ୍ ୨୦୧୩ କ୍ଷତି ପୂରଣ ପ୍ରଦାନ ଓ ଥଇଥାନ ନୀତି ଅନୁସାରେ କ୍ଷତି ପୂରଣ ଦିଆଯାଉ। ତା'ପରେ ମୃତ୍ତିକା ପରୀକ୍ଷଣ ହେଉ। ମଞ୍ଚର ସମ୍ପାଦକ ଅଭୟ ସାମଲ କହିଥିଲେ, ଯେପର୍ଯ୍ୟନ୍ତ କ୍ଷତି ପୂରଣ ରାଶି ଉପରେ ନିଷ୍ପତ୍ତି ନ ହୋଇଛି ସେ ପର୍ଯ୍ୟନ୍ତ ମୃତ୍ତିକା ପରୀକ୍ଷଣକୁ ଦୃଢ଼ ବିରୋଧ କରାଯିବ। ଉକ୍ତ ବୈଠକରେ ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ, ପୂର୍ବତନ ସରପଞ୍ଚ ଦିବାକର ପ୍ରଧାନ, ତ୍ରିଭୁବନ ମାଝୀ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଭାଗନେବା ସହ ମୃତ୍ତିକା ପରୀକ୍ଷଣକୁ ବିରୋଧ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଛନ୍ତି। ଆଗାମୀ ଦିନରେ ପ୍ରଶାସନ ଓ ଚାଷୀ କମିଟି ମଧ୍ୟରେ ମୁକାବିଲାମୂଳକ ପରିସ୍ଥିତି ହେବାର ଆଶଙ୍କା ରହିଛି।

# କେଏସ୍‌ଆର କ୍ଲବ, କଟକ ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

କୁଜଙ୍ଗ,୩।୩(ମନୋଜ ପ୍ରଧାନ)

ନେତାଜୀ ଯୁବକ ସଂଘ ଓ ଜଗନ୍ନାଥ ଯୁବ ପରିଷଦ ଡିଙ୍କିଆ ମିଳିତ ଆନୁକୂଲ୍ୟରେ ଚାଲିଥିବା ୨ ଦିନିଆ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ କେଏସ୍‌ଆର୍ କ୍ଲବ କଟକ ଓ ଭଦ୍ରକ ଫୁଟବଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଟିମ୍‌କୁ ପରାସ୍ତ କରି କେଏସ୍‌ଆର କ୍ଲବ ଚାମ୍ପିୟନ ହୋଇଛି। ଉଦଯାପନୀ ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିଥିବା ଡିଙ୍କିଆ ଗ୍ରାମର ପୂର୍ବତନ ଖେଳାଳି ହୃଦାନନ୍ଦ ରାଉତ, ସରୋଜ ରାଉତ, ସଂଗ୍ରାମ ସ୍ୱାଇଁ, ସଂଗ୍ରାମ ଲେଙ୍କା ଓ ପୁଷ୍ପକ ଦାସଙ୍କୁ ଧନ୍ୟବାଦ ଦେଇଥିଲେ।

# ମଣିଷ, ପ୍ରକୃତିର ସମ୍ପର୍କ ଏକ ଦାର୍ଶନିକ ପ୍ରତିଫଳନ

**ଦର୍ଶନଶାସ୍ତ୍ର ବିଭାଗର ରାଜ୍ୟସ୍ତରୀୟ ପାଠଚକ୍ର**

ନାଉଗାଁ,୩।୩(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଦର୍ଶନ ଶାସ୍ତ୍ର ବିଭାଗର ମଣିଷ ଓ ପରିବେଶର ଦର୍ଶନ ଶୀର୍ଷକ ଉପରେ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ କାଉନସିଲ ଅଫ୍ ଫିଲୋସୋଫିକାଲ ରିସର୍ଚ୍ଚ ପକ୍ଷରୁ ଉକ୍ତ ପାଠଚକ୍ର ଆୟୋଜନ କରାଯାଇଥିଲା। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ଲେଙ୍କା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ନାରାୟଣ ପ୍ରସାଦ ମହାନ୍ତି ପାଠଚକ୍ରକୁ ଉଦ୍‌ଘାଟନ କରିବା ସହ ସମାଜ ଓ ପରିବେଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ଅନ୍ତର୍ଯାମୀ ଦୀକ୍ଷିତ, ପ୍ରଫେସର ସଚ୍ଚିନ୍ଦ୍ର ରାଉଳ,ପ୍ରଫେସର ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ମଣିଷ ଓ ପରିବେଶର ଦର୍ଶନ ଉପରେ ନିଜର ବକ୍ତବ୍ୟ ଦେଇଥିଲେ। ମଣିଷ, ପ୍ରକୃତି ସମ୍ପର୍କ ଏକ ଦାର୍ଶନିକ ପ୍ରତିଫଳନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଯୁଗ୍ମ ଜନଶୁଣାଣିରେ ୪୮ ଅଭିଯୋଗ ପଞ୍ଜୀକୃତ

ନାଉଗାଁ,୩।୩(ସୁଧା ବେହୁରା)


ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ୍ ଜ୍ୟୋତି ଫେଡେରେଶନ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଅବସରରେ ସମୁଦାୟ ୪୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୧୦ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୩୮ ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମସ୍ୟା ଉପରେ ୬, ଆବାସ ଯୋଜନା ୧ଟି, ଜମିଜମା ସମସ୍ୟା ସମ୍ପର୍କିତ ୧୭, ପେନସନ୍ ପାଇଁ ୩, ପୋଲିସ ସହାୟତା ନିମନ୍ତେ ୩ ଏବଂ ଅନ୍ୟାନ୍ୟ ୬ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଅବସରରେ ୨ଟି ଅଭିଯୋଗ ତତ୍କାଳ ଫଏସଲା ହୋଇଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ଜିଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ଆଶୁତୋଷ ମିଶ୍ର, ତହସିଲଦାର ଅକ୍ଷୟ ବଡ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ଦିନରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ରାସ୍ତା କଡ଼ରେ ବିଦ୍ୟୁତ୍ ଖୁଣ୍ଟ ବସାଇବା ଘଟଣା**

ରଘୁନାଥପୁର,୩।୩(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଗାନ୍ଧୀଛକଠାରୁ ଭାୟା ରଘୁନାଥପୁର ବ୍ଲକ ଦେଇ ନିଶ୍ଚିନ୍ତକୋଇଲି ବ୍ଲକ ଶିର୍ଲୋ ନୂଆଗାଁ ପର୍ଯ୍ୟନ୍ତ ଯାଇଥିବା ଆରଡି ରାସ୍ତା କଡ଼ରେ ବିଦ୍ୟୁତ୍ ଖୁଣ୍ଟ ବସାଯାଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜାନୁଆରୀରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ସହ ରାସ୍ତା କଡ଼ରୁ ବିଦ୍ୟୁତ୍ ଖୁଣ୍ଟକୁ ହଟାଯିବା ପାଇଁ ଦାବି କରାଯାଇଥିଲା। ଏହାକୁ ଜିଲାର ପ୍ରମୁଖ ରାସ୍ତାର ମାନ୍ୟତା ଦେବାକୁ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଥିଲା। ସଙ୍ଗଠନର କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ ଓ ଦେବୀପ୍ରସାଦ ମହାରଣା ଏହି ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନିଆଯାଇ ପତ୍ର ସଂଖ୍ୟା ନଂ. ୪୦୪୨ରେ ଆରଡି ଓ ଟିପିସିଓଡିଏଲ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଉକ୍ତ ରାସ୍ତାର ବାସ୍ତବତାକୁ ନିରୀକ୍ଷଣ କରି ତୁରନ୍ତ ପଦକ୍ଷେପ ନେବାକୁ ଫେବୃଆରୀ ୨୮ରେ ନିର୍ଦ୍ଦେଶ ଦିଆଯାଇଛି। ୭ ଦିନ ଭିତରେ ଏହାର ତଦନ୍ତ ରିପୋର୍ଟ ଦେବାପାଇଁ କୁହାଯାଇଛି।

ସୂଚନାଯୋଗ୍ୟ, ଏହି ରାସ୍ତା ରଘୁନାଥପୁର ବ୍ଲକରୁ ଜଗତସିଂହପୁର ଜିଲାକୁ ସଂଯୋଗ କରେ। ଏହା ଏକ ବ୍ୟସ୍ତବହୁଳ ରାସ୍ତା ଅଟେ। ଦୈନନ୍ଦିନ ସ୍କୁଲ, କଲେଜ ଛାତ୍ରୀଛାତ୍ର, ରୋଗୀଙ୍କୁ ନେଇଯାଉଥିବା ଆମ୍ବୁଲାନ୍ସ, ସ୍କୁଲ ଭ୍ୟାନ, ଓମ୍‌ଫେଡ୍ ଭ୍ୟାନ, କାର ବାଇକ ସହ ହଜାର ହଜାର ସାଧାରଣ ଜନତା ଏହି ରାସ୍ତାଦେଇ ଯାତାୟାତ କରିଥାନ୍ତି। ଏହାକୁ ଜିଲାର ପ୍ରମୁଖ ପଥର ମାନ୍ୟତା ଦେଇ ପ୍ରଶସ୍ତ କରିବା ସହ ଜନଜୀବନ ସୁରକ୍ଷା ପାଇଁ ରାସ୍ତା କଡ଼ରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା।

# ପ୍ରଶାସନିକ ଶୁଣାଣି ଶିବିରରେ ୧୯୮ ଅଭିଯୋଗ


ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

କେନ୍ଦ୍ରାପଡ଼ା, ୩।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନ ହଲ୍‌ଠାରେ ପ୍ରଶାସନିକ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୯୮ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୧୭୭ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ରହିଥିଲା। ସେହିପରି ୨୧ଟି ସାମୂହିକ ଅଭିଯୋଗ ପତ୍ରରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେକ ସମସ୍ୟାର ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲାପାଳ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଡ୍‌କ୍ରସ୍‌ରୁ ସହାୟତା ଓ ସାମାଜିକ ସୁରକ୍ଷା ପାଇଁ ୨୨ ଜଣଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଇଥିଲା। ଶିବିରରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲାପାଳ ଅରୁଣ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ସିଏସ୍‌ଓ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

# କଲେଜରେ ତଦନ୍ତକାରୀ ପୋଲିସ ଟିମ୍‌ର ପଚରାଉଚରା

**ନାବାଳିକା କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା**

ପଟ୍ଟାମୁଣ୍ଡାଇ ୩।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଉତିକଣ ଅଞ୍ଚଳର ଜଣେ ନାବାଳିକା ଯୁକ୍ତ ୨ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ପୋଲିସ ତନାଘନା ଆରମ୍ଭ କରିଛି। ଏହାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ କଲେଜରେ ସୋମବାର ପୂର୍ବାହ୍ନରେ ସ୍ୱତନ୍ତ୍ର ତଦନ୍ତ ଅଧିକାରୀ ଟିମ୍ ପହଞ୍ଚିଛନ୍ତି। ତଦନ୍ତ ଟିମ୍ କଲେଜ ସିସିଟିଭି ଯାଞ୍ଚକରିବା ସହ ପରୀକ୍ଷା ନିରୀକ୍ଷକ, ଆଭ୍ୟନ୍ତରୀଣ ଦଳର ଜଣ ଜଣଙ୍କୁ ପଚରାଉଚରା କରିବା ସହ ପରୀକ୍ଷା ଗୃହର ତନଖି କରିଛନ୍ତି ବୋଲି ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କା ସୂଚନା ଦେଇଛନ୍ତି। ପୋଲିସକୁ ତଦନ୍ତରେ ପୂର୍ଣ୍ଣ ସହଯୋଗ କରାଯାଉଥିବା ଉକ୍ତ କଲେଜ ଅଧ୍ୟକ୍ଷ କହିଛନ୍ତି।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଜଣେ ନାବାଳିକା କଲେଜ ଛାତ୍ରୀ ଫେବୃଆରୀ ୨୪ ତାରିଖରେ ଆତ୍ମହତ୍ୟା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମାତ୍ର ଗତ ୧ ତାରିଖରେ ଏକ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଏହା ଭିନ୍ନ ମୋଡ଼ ନେଇଥିଲା। ଅଧ୍ୟାପକ କପି ଖୋଜିବା ଆଳରେ ଝିଅକୁ ଅସଦାଚରଣ କରିଥିବା ଲଜ୍ଜାରେ ତାଙ୍କ ଝିଅ ଆତ୍ମହତ୍ୟା କରିଥିଲେ ବୋଲି ମୃତା ଛାତ୍ରୀଙ୍କ ମା' ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଶନିବାର ରାତ୍ରି ପ୍ରାୟ ସାଢ଼େ ୮ଟାବେଳେ ଅଭିଯୋଗ କରିଥିଲେ। ପରେ ଗ୍ରାମାଞ୍ଚଳ ଥାନାରେ ରାତ୍ର ୧୧ଟାରେ ଏକ ନଂ. ୮୦/୨୦୨୫ରେ ମାମଲା ରୁଜୁ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ ଆରମ୍ଭକରି ସୋମବାର ଏକ ସ୍ୱତନ୍ତ୍ର ତଦନ୍ତ ଅଧିକାରୀ ଟିମ୍‌ରେ ଗ୍ରାମାଞ୍ଚଳ ଥାନା ଆଇଆଇସି ଲେଙ୍କା, ସବ୍‌ଇନ୍ସପେକ୍ଟର ରଞ୍ଜନ ମହାରଣା, ପ୍ରୀତିଲତା ଲାଲ୍ କଲେଜରେ ପହଞ୍ଚି ଘଟଣାକୁ ନେଇ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଥିବା ବେଳେ ଅଧ୍ୟକ୍ଷ ଓ ଅଧ୍ୟାପିକା ଅଧ୍ୟାପକଙ୍କୁ ପଚରାଉଚରା କରିଛନ୍ତି।

# ଦାନପୁର ପଞ୍ଚାୟତ ସଭାଗୃହ ଉଦ୍‌ଘାଟିତ

ଡେରାବିଶ, ୩।୩ (ବେବର୍ତ୍ତା ଅଜୟ ଦାସ)


ବିଡିଓ ନମିତା ବାରିକ ପଞ୍ଚାୟତ ସଭାଗୃହ ଉଦ୍‌ଘାଟନ କରୁଛନ୍ତି।

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ କାର୍ଯ୍ୟାଳୟର ନୂତନ ସଭାଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ସରପଞ୍ଚ ମାନସୀ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଡିଓ ନମିତା ବାରିକ ଏହି ଶୀତତାପ ନିୟନ୍ତ୍ରିତ ସଭାଗୃହକୁ ଉଦ୍‌ଘାଟନ କରିଥିଲେ। ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଶୀତତାପ ନିୟନ୍ତ୍ରିତ ସଭାଗୃହ ଲୋକାର୍ପଣ ହେବା ଦ୍ୱାରା ପଞ୍ଚାୟତ ପ୍ରତିନିଧିମାନଙ୍କ ଦୀର୍ଘଦିନର ସମସ୍ୟା ଦୂରୀଭୂତ ହୋଇପାରିବ ବୋଲି ବିଡିଓ ବାରିକ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ପ୍ରିୟତମା ଦାଶ, ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ, ନାଏବ ସରପଞ୍ଚ ଯଦୁମଣି ଯେନା, କନିଷ୍ଠ ଯନ୍ତ୍ରୀ ଦେବାଶିଷ ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରଶନଜିତ ନାୟକଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟାସଭ୍ୟ, ବୁଦ୍ଧିଜୀବୀମାନେ ସାମିଲ୍ ହୋଇଥିଲେ।

# ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ବାର୍ଷିକ ଉତ୍ସବ

ଡେରାବିଶ, ୩।୩(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଗହଗାନରସିଂହପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୩୬ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରଫେସର ଡା. ନିରଞ୍ଜନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଡିଓ ନମିତା ବାରିକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଆୟକର ନିର୍ଦ୍ଦେଶକ ବିଧୂଭୂଷଣ ମହାନ୍ତି, ବିଇଓ ଶ୍ରୀକାନ୍ତ ବେହେରା, ସରପଞ୍ଚ ମାନସୀ ତ୍ରିପାଠୀ, ସମିତି ସଭ୍ୟା ପ୍ରିୟତମା ଦାଶ, ଦୈତାରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗୁରୁଜନମାନଙ୍କୁ ଭକ୍ତି କରିବା ସହିତ ଜଣେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟର ପୂର୍ବତନ ଛାତ୍ର ହାଡିବନ୍ଧୁ ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ଦାସ, ସଂସ୍କୃତ ଓ ସାହିତ୍ୟ ଗବେଷକ ପ୍ରଫେସର ରଘୁନାଥ ପଣ୍ଡା, ବୈଜ୍ଞାନିକ ମଦନ ମୋହନ ପଣ୍ଡା, ରେବତୀକାନ୍ତ ପଣ୍ଡା, ମୃତ୍ୟୁଞ୍ଜୟ ପଣ୍ଡା, ଧୀରେନ୍ଦ୍ର ଶତପଥୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଉମେଶ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସଞ୍ଜିବ ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଡିଓ ବାରିକ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନା କୁମାରୀ ସ୍ୱାଇଁ, ମିନତି ଶତପଥୀ, ଜୟାନନ୍ଦ ନାୟକ, ସ୍ୱର୍ଣ୍ଣଲତା ସ୍ୱାଇଁ, ପରିଚାଳନା କମିଟି ସଭାପତି ଜଗନ୍ନାଥ ପଣ୍ଡା, ଜେନାମଣି ବଳ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଶିକ୍ଷକ ସଞ୍ଜିବ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# ନହୁଣୀ ପଞ୍ଚାୟତରେ କିଶୋରୀ ମେଳା

ରାଜକନିକା,୩।୩ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ସୋମବାର ସୁପରଭାଇଜର ବାସନ୍ତୀ ପରିଡାଙ୍କ ସଭାପତିତ୍ୱରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନହୁଣୀ ପଞ୍ଚାୟତର ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ ଯୋଗଦେଇ କିଶୋରୀମାନେ ଉପଯୁକ୍ତ ସମୟରେ ବିବାହ କରିବା ଓ କିଶୋରୀମାନଙ୍କର ଅଭିବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାକୁ କାର୍ଯ୍ୟକାରୀ କରିବା ସହ କିଶୋରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ବିଷୟରେ ଆଲୋକପାତ କରିଥିଲେ। ଶେଷରେ କିଶୋରୀମାନଙ୍କୁ ନେଇ ରଙ୍ଗୋଲି, ମ୍ୟୁଜିକ ଚେୟର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନାୱାଡି କର୍ମୀ ବସୁମତୀ ନାୟକ, ଶଶିକଳା ବେହେରା, ସ୍ୱାଗତିକା ବିଶ୍ୱାଳ, ଦମୟନ୍ତୀ ନାୟକ, ପ୍ରଭାତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା ସୁନିଶ୍ଚିତ କରିବାକୁ ଗୁରୁତ୍ୱ

- ମହାକାଳପଡ଼ା ପଞ୍ଚାୟତ ସମିତି ୪ର୍ଥ ସାଧାରଣ ଅଧିବେଶନ
- ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଉପରେ ଆଲୋଚନା
- ୫ ବର୍ଷିଆ ଆକ୍ସନ ପ୍ଲାନ୍‌ରେ ୧୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ସାମିଲ

ମହାକାଳପଡ଼ା, ୩।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ବ୍ଲକ୍ ସଭାଗୃହଠାରେ ୪ର୍ଥ ସାଧାରଣ ଅଧିବେଶନରେ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ସଭାଗୃହଠାରେ ୪ର୍ଥ ବାର୍ଷିକ ସାଧାରଣ ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ବ୍ଲକ୍‌ର ବିକଶିତ ଗାଁ ବିକଶିତ ଓଡ଼ିଶାର ୫ ବର୍ଷିଆ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ୍‌ର ୩୧ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗଦେଇ ବିକଶିତ ଗାଁ ବିକଶିତ ଓଡ଼ିଶା ବିକାଶମୂଳକ ଯୋଜନା ବ୍ଲୁପ୍ରିଣ୍ଟ ବା ପ୍ରାକ୍‌ଏଜେଣ୍ଡା ପ୍ରଦାନ କହିବା ଉପରେ ଆଲୋଚନା କରିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପଗୁଡ଼ିକ ୩ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗାଁର ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ କାର୍ଯ୍ୟକାରୀ ହେବ। ଏଥିମଧ୍ୟରେ କଲ୍ୟାଣ ମଣ୍ଡପ, ପେଭର ବ୍ଲକ୍ ରାସ୍ତା ନିର୍ମାଣ, ଭାଗବତ ଟୁଙ୍ଗି, ଲାଇବ୍ରେରି ଗୃହ ନିର୍ମାଣ, କ୍ଲାସ୍ ରୁମ, ଖେଳ ସାମଗ୍ରୀ, ସମୂହ ଗୋଷ୍ଠୀ ଗୃହ ନିର୍ମାଣ, କଲଭର୍ଟ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପ୍ରମୁଖ ଏହି ଯୋଜନାରେ ସାମିଲ ହୋଇପାରିବ ବୋଲି ଅଧିବେଶନରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଥିବା ଅତିଥିମାନଙ୍କ ମଧ୍ୟରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଲା, ସାଂସଦ ବ୍ଲକ ପ୍ରତିନିଧି ସରୋଜକାନ୍ତ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ବ୍ଲକ ଶିଶୁ ସୁରକ୍ଷା ଅଧିକାରିଣୀ କବିତା ମଲିକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ଇତିଶ୍ରୀ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ପଞ୍ଚମୁଖୀ ହନୁମାନଙ୍କ ପ୍ରତିଷ୍ଠା ଦିବସ**

ଖଣ୍ଡପଡ଼ା, (ଅଜୟ କୁମାର ମହାରଣା): କଣ୍ଟିଲୋ ପଞ୍ଚମୁଖୀ ହନୁମାନ ଜୀଉଙ୍କ ୨୫ତମ ବାର୍ଷିକ ପ୍ରତିଷ୍ଠା ଦିବସ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ସୂର୍ଯ୍ୟପୂଜା ପରେ ଗ୍ରହଯଜ୍ଞ ଓ ସନ୍ଧ୍ୟାରେ ହନୁମାନ ଚାଳିଶା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଏହି ଆନୁଷ୍ଠାନିକ କାର୍ଯ୍ୟ ଉପଭୋଗ କରିବାକୁ ସମାଗମ ହୋଇଥିଲେ। କର୍ତ୍ତା ଭାବେ ଗୋପାଳ ଚନ୍ଦ୍ର ଅଗ୍ରୱାଲ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ପଣ୍ଡିତ ରଜନୀକାନ୍ତ ମିଶ୍ର ଓ ରଜତ କୁମାର ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ଅପରାହ୍ନ ସାଢ଼େ ୫ଟାରେ ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା।



# ସବୁଜ ପତ୍ରିକାଧାରୀଙ୍କ ବିକ୍ଷୋଭ

## ଜିଲାପାଳଙ୍କୁ ଦେଲେ ସ୍ମାରକପତ୍ର

## ୧୦ ଦଫା ଦାବି ପୂରଣ ନେଇ ନିବେଦନ

ନୟାଗଡ଼,୩।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ଓ ଅଲ ଇଣ୍ଡିଆ ଟ୍ରେଡ୍ ୟୁନିୟନର ନୟାଗଡ଼ ଶାଖା ପକ୍ଷରୁ ସୋମବାର ମଧ୍ୟାହ୍ନରେ ବିକ୍ଷୋଭ କରାଯାଇଛି। ସବୁଜ ପତ୍ରିକାଧାରୀମାନେ ନୟାଗଡ଼ ଖେଳ ପଡ଼ିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ନୟାଗଡ଼ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ୧୦ ଦଫା ଦାବି ପୂରଣ ନେଇ ବିକ୍ଷୋଭରେ ସାମିଲ ହୋଇଥିଲେ। ବିକ୍ଷୋଭ ପରେ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ। ଅଲ ଇଣ୍ଡିଆ ଟ୍ରେଡ ୟୁନିୟନ ଜିଲା ସଭାପତି କମଳେଶ ଦାସ, ସବୁଜ ପତ୍ରିକାଧାରୀ ସଂଘର ଜିଲା ସଭାପତି ସୁର ଜେନା, ଜିଲା ସମ୍ପାଦିକା ମିନତୀ ପ୍ରଧାନ,ଉପସଭାପତି ସର୍ବେଶ୍ୱର ମାର୍ଥାଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇ ପ୍ରତିବାଦ ସଭା କରାଯାଇଥିଲା। ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ସୂଚନା ଅନୁସାରେ, ସବୁଜ ପତ୍ରିକାଧାରୀ ବାରମ୍ବାର ଆନ୍ଦୋଳନ କରିବା ପରେ ସରକାର ସେମାନଙ୍କୁ ସରକାରୀ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରି କି ସବୁଜ ପତ୍ରିକାଧାରୀଙ୍କ ଦାବି ପୂରଣ ପାଇଁ ଗତ ସରକାରଙ୍କ ଅର୍ଥମନ୍ତ୍ରୀଙ୍କ ଅଧକ୍ଷତାରେ ଏକ କମିଟି ବସିଥିଲା। ତେବେ ସବୁଜ ପତ୍ରିକାଧାରୀଙ୍କୁ ପ୍ରତାରଣା କରାଯାଇଥିଲା। ଓଡ଼ିଶାରେ ୨୬ ଲକ୍ଷ ସବୁଜ ପତ୍ରିକାଧାରୀ ରହିଥିଲେ ମଧ୍ୟ ଦାବି ପୂରଣ ପାଇଁ ମନ୍ତ୍ରିସ୍ତରୀୟ ସବ୍ କମିଟି ଗଠନ କରାଯାଇନାହିଁ। ଏଣୁ କୋଭିଡ୍ ସମୟରେ ସବୁଜ ପତ୍ରିକାଧାରୀମାନେ ସରକାରୀ ସହାୟତାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କୁ ମାସିକ ୧ ହଜାର ଟଙ୍କା ପେନସନ ସହ ମାସିକ ୨୦ କିଲୋ ଚାଉଳ, ଗ୍ରୀନକାର୍ଡରେ ଉଲ୍ଲେଖ ଥିବା ସମସ୍ତ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ, ୪ ଡିସିମିଲ ଘରଡିହ, ମଧୁବାବୁ ପେନ୍ସନ ଯୋଜନାରେ ସାମିଲ ଓ ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ ପାଇଁ ଦାବି ରହିଛି। ଅନ୍ୟପକ୍ଷେ ସରକାରୀ ଓ ବେସରକାରୀ ନିଯୁକ୍ତିରେ ସେମାନଙ୍କ ପାଇଁ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ପରିବାର ନିୟନ୍ତ୍ରଣ ଅପ୍ରେସନ ପରେ ନିଃସନ୍ତାନ ହୋଇଥିବା ସବୁଜ ପତ୍ରିକାଧାରୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି, ୨୦୧୨ ନଭେମ୍ବର ୯ରେ ସରକାରୀ ନିର୍ଦ୍ଦେଶନାମା ପ୍ରତ୍ୟାହାର, ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନରେ ସବୁଜ ପତ୍ରିକାଧାରୀଙ୍କ ସନ୍ତାନ ସନ୍ତତି ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଓ ଅଣ ସଙ୍ଗଠିତ ଶ୍ରମିକ ବୋର୍ଡ ପରିସରଭୁକ୍ତ କରିବାକୁ ୧୦ ଦଫା ଦାବି ରଖାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସବୁଜପତ୍ରିକାଧାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନିର୍ଯାତନାରୁ ୩ ଛାତ୍ରୀ ପଳେଇଛନ୍ତି

ନୟାଗଡ଼,୩।୩ (ଲୋକନାଥ ମିଶ୍ର)

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ହଷ୍ଟେଲରେ ନିର୍ଯାତନା ସହି ନ ପାରି ୩ ଜଣ ଛାତ୍ରୀ ପଳାଇ ଯାଇଥିବା ଅଭିଯୋଗ ମିଳିଛି। ଏ ନେଇ କିଛି ଅଡିଓ ମଧ ମିଳିଥିବା ଜଣାପଡିଛି। ମହାବିଦ୍ୟାଳୟ ପକ୍ଷରୁ ଯାଞ୍ଚ ଚାଲିଛି। ଅନ୍ୟପକ୍ଷେ ହଷ୍ଟେଲର ଫି ମଧ ମନଇଚ୍ଛା ବଢ଼ା ଯାଉଥିବା ଅଭିଯୋଗ ଉଠିଛି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସକିଲା ଜାମିଲା କହିଛନ୍ତି, ଛାତ୍ରୀ ହଷ୍ଟେଲରୁ ଯିବା ଅଭିଯୋଗ ସତ୍ୟ। ମିଳିଥିବା ଅଡିଓର ଯାଞ୍ଚ ଚାଲିଛି। ହଷ୍ଟେଲ ଫିର ବୃଦ୍ଧିର ତଦନ୍ତ ଚାଲିଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଅନ୍ତର୍ଜାତୀୟ ଚାରଣ ଶାଖାର ବାର୍ଷିକୋତ୍ସବ

ଶରଣକୁଳ, ୩।୩ (ଦୀପକ କର)

ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଗିରିଡ଼ିପଲ୍ଲୀ ଶାଖାର ବାର୍ଷିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାସ୍ତରୀୟ ଚାରଣ ଗୋଷ୍ଠୀ କମିଟିର ସାଙ୍ଗଠନିକ କର୍ମୀ ସମ୍ମିଳନୀ ମଧ୍ୟ ଏହି ଅବସରରେ ଗିରିଡ଼ିପଲ୍ଲୀ କଣ୍ଟେଶ୍ୱର ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ବିଷ୍ଣୁସହସ୍ର ନାମଯଜ୍ଞ ଅବସରରେ ସକାଳେ ନୟାଗଡ଼ ଜିଲାରେ ଥିବା ୬୭ଟି ଶାଖାରୁ ୨୫୦ରୁ ଅଧିକ ଚାରଣ ସଦସ୍ୟ ନଗର କୀର୍ତ୍ତନରେ ସମ୍ମିଳିତ ହୋଇ ବିଭିନ୍ନ ସାହି ଗଳିରେ ନାମ ସଂକୀର୍ତ୍ତନ ସହ ପଦଯାତ୍ରା କରି କଣ୍ଟେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ଆୟୋଜିତ ଯଜ୍ଞରେ ବିଷ୍ଣୁ ସହସ୍ରନାମ, ଗୀତାର ପଞ୍ଚଦଶ ଅଧ୍ୟାୟ ଓ ହନୁମାନ ଚାଳିଶାର ପ୍ରତ୍ୟେକ ଚୌପାଇ ବୋଲାଯାଇ ଆହୁତି ପ୍ରଦାନ କରାଯାଇଥିଲା। ଅପରାହ୍ନ ୨ଟାରେ ପୂର୍ଣ୍ଣାହୁତି କରାଯାଇଥିଲା। ପୂର୍ଣ୍ଣାହୁତି ପରେ ଜିଲା ସଙ୍ଗଠକ ଶୁକଦେବ ମହାରଣା କର୍ମୀ ସମ୍ମିଳନୀ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ଜିଲା ସଙ୍ଗଠକ ଶିବରାମ ସାହୁ, ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଜଗନ୍ନାଥଧାମ ପୁରୀର ଯୁଗ୍ମ ସମ୍ପାଦକ ସୁରେଶ ଚନ୍ଦ୍ର ବରାଡ଼, କେନ୍ଦ୍ର ସଦସ୍ୟ ତଥା ଜିଲା ସଙ୍ଗଠକ ରାମକୃଷ୍ଣ ସାହୁ, ପ୍ରବାଚକ ନିରାକାର ସ୍ୱାଇଁ ଏବଂ ଗୋଦାବରୀ ବସନ୍ତିଆ, ମନୋରଞ୍ଜନ ମହାପାତ୍ର, ଅର୍ଜୁନ ବିଶ୍ୱାଳ, କୁରାଳ ମଣ୍ଡଳ ସଙ୍ଗଠକ ଅଚ୍ୟୁତାନନ୍ଦ ବେହେରା, ମାନସୀ ବେହେରା, ଭାଗୀରଥି ବେହେରା, ନିତ୍ୟାନନ୍ଦ ବେହେରା ଓ ଜିଲା ସମ୍ପାଦକ ଡା. ପ୍ରମୋଦ କୁମାର ପାଳ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ନୟାଗଡ଼ ଜିଲାରେ ଚାରଣ ଗୋଷ୍ଠୀର ଶାଖାଗୁଡ଼ିକୁ କିପରି ସଶକ୍ତକରି ଲୋକମାନଙ୍କ ମଧ୍ୟରେ ଜଗନ୍ନାଥ ଚେତନାର ପ୍ରଚାରପ୍ରସାର ପୂର୍ବକ ସୁସ୍ଥ ସମାଜ ଗଠିତ ହେବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଗିରିଡ଼ିପଲ୍ଲୀ ଚାରଣ ଶାଖାର ଦଳପତି ଓ ଚାରଣ ଭଉଣୀଭାଇ ଗଣ ସମେତ ସମସ୍ତ ଗ୍ରାମବାସୀ ପୂର୍ଣ୍ଣପ୍ରାଣରେ ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ଚାରଣ ରବୀନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ।


ଶୋଭାଯାତ୍ରାରେ ଚାରଣ ଗୋଷ୍ଠୀର ସଦସ୍ୟମାନେ ନାମ ସଂକୀର୍ତ୍ତନ କରି ଯାଉଛନ୍ତି।

# ମାନବ ସମାଜ ସତ୍‌ସଙ୍ଗ ମାର୍ଗରେ ପରିଚାଳିତ ହୁଅନ୍ତୁ

## ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଖଣ୍ଡପଡ଼ା,୩।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ସତ୍‌ସଙ୍ଗ ବିହାର ପରିସରରେ ପରମ ପ୍ରେମମୟ ଶ୍ରୀ ଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଏବଂ ସତ୍‌ସଙ୍ଗ ବିହାରର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଋତ୍ୱିକ୍ ରାଜକିଶୋର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। କଣ୍ଟିଲୋ ସତ୍‌ସଙ୍ଗ କେନ୍ଦ୍ରର ଋତ୍ୱିକ୍ ବସନ୍ତ କୁମର ସାହୁଙ୍କ ତତ୍ତ୍ୱାବଧାନରେ ତଥା ସଭାପତି ବିଶ୍ୱ ରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ମନୋଜ କୁମାର ରାଉତ ଓ ଖୋର୍ଦ୍ଧାରୁ ଆସିଥିବା କାଶୀନାଥ ସାହୁ ପ୍ରମୁଖ ଯୋଗଦେଇ ଈଶ୍ୱର ସର୍ବଶକ୍ତିମାନ, ଈଶ୍ୱରଙ୍କ ନିର୍ଦ୍ଦେଶରେ ପରିଚାଳିତ ମାନବ ସମାଜ ସତ୍‌ସଙ୍ଗ ମାର୍ଗରେ ପରିଚାଳିତ ହେବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୁରୁ ଭ୍ରାତୃମଣ୍ଡଳୀ, ମାତୃ ମଣ୍ଡଳୀଙ୍କ ଦ୍ୱାରା ବେଦପାଠ ସହ ପ୍ରାର୍ଥନା ଓ ଉଷା କୀର୍ତ୍ତନ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଏକ ସୁସଜ୍ଜିତ ବିମାନରେ ବିଗ୍ରହମାନେ ଶ୍ରଦ୍ଧାଳୁଙ୍କ ଗହଣରେ କଣ୍ଟିଲୋ ଗ୍ରାମ ପରିକ୍ରମା କରିବାବେଳେ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହେବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅପରାହ୍ନ ସାଢେ ୩ଟାରେ ମା’ ମାନଙ୍କ ପକ୍ଷରୁ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇ ନାରୀମାନଙ୍କ ଜୀବନ ଚଳଣି ଉପରେ ଠାକୁରଙ୍କ ଭାବଧାରା ସମ୍ପର୍କ ଆଲୋଚନା ହୋଇଥିଲା। ସନ୍ଧ୍ୟା ୬ଟାରେ ସମବେତ ବିନତି ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଠାକୁରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଋତ୍ୱିକ୍ ବାଙ୍କୀର ବାଙ୍କନିଧି ପଣ୍ଡା, ଖୋର୍ଦ୍ଧାରୁ କାଶୀନାଥ ସାହୁ, ଦଶପଲ୍ଲାରୁ କ୍ଷେତ୍ରବାସୀ ନାୟକ, ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଶ୍ରୀରାମ ମନ୍ଦିରର ରତ୍ନମୁଦ ଉତ୍ସବ

ଖଣ୍ଡପଡ଼ା,୩।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବୋଦସା ଗୋଲାସାହିର ନିର୍ମାଣାଧୀନ ପ୍ରଭୁ ଶ୍ରୀରାମ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଓ ପୂଜାପାଠ କରାଯାଇ ରତ୍ନମୁଦ ଦିଆଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ନିର୍ମାଣାଧୀନ ଶ୍ରୀରାମ ମନ୍ଦିରର ରତ୍ନମୁଦ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ହରିବୋଲ ହୁଳହୁଳି ସାଙ୍ଗକୁ ଜୟ ଶ୍ରୀରାମ ଧ୍ୱନି ଯୋଗୁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।


ଶ୍ରୀରାମ ମନ୍ଦିର ରତ୍ନମୁଦ ଉତ୍ସବରେ ଶ୍ରଦ୍ଧାଳୁମାନେ।

# ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ: ପ୍ରଶାସକ ଏକାଦଶ ବିଜୟୀ


ଫୁଟବଲ୍ ମ୍ୟାଚ୍‌ରେ ସାମିଲ ହୋଇଥିବା ଉଭୟ ଦଳର ଖେଳାଳି।

ଖଣ୍ଡପଡ଼ା, ୩।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମଧୁବନ ମିନିଷ୍ଟାଡିୟମ ପରିସରରେ ସ୍ପୋର୍ଟସ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅବସରରେ ସୋମବାର ସାମ୍ବାଦିକ ଏକାଦଶ, ଓକିଲ ଏକାଦଶ, ପ୍ରଶାସକ ଏକାଦଶ ଓ ରାଜନେତା ଏକାଦଶ ମଧ୍ୟରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଓକିଲ ଏକାଦଶ ୩-୨ ଟ୍ରାଇବେକର ଗୋଲ୍‌ରେ ସାମ୍ବାଦିକ ଏକାଦଶକୁ ପରାସ୍ତ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଶାସକ ଏକାଦଶ ୫-୦ ଗୋଲ୍‌ରେ ରାଜନେତା ଏକାଦଶକୁ ପରାସ୍ତ କରି ବିଜୟୀ ହୋଇଥିଲା। ପରବର୍ତ୍ତୀ ସମୟରେ ପ୍ରଶାସକ ଏକାଦଶ ଓ ଓକିଲ ଏକାଦଶ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଶାସକ ଏକାଦଶ ୩-୦ ଗୋଲ୍‌ରେ ଓକିଲ ଏକାଦଶକୁ ପରାସ୍ତ କରି ବିଜୟୀ ହୋଇଥିଲା। ମୁଖ୍ୟ ରେଫରୀ ଭାବେ କ୍ରୀଡ଼ା ଶିକ୍ଷକ ସମୀର ଖୁଣ୍ଟିଆ ମ୍ୟାଚ୍‌କୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ସୁଧାଂଶୁ ବେହେରା ଓ ଆଶିଷ ଦାସ ମହାପାତ୍ର ସହାୟତା କରିଥିଲେ। ଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ବରିଷ୍ଠ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହରଣା, ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର, ଖଳିସାହି ସରପଞ୍ଚ ଫକିର ମୋହନ ଦାସ, ବ୍ରଜକିଶୋର ଆଲୁକ, ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି, ଶିଖରପୁର ପୂର୍ବତନ ସରପଞ୍ଚ ନବ କିଶୋର ସାହୁ, ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ବରିଷ୍ଠ କ୍ରୀଡ଼ାବିତ୍ ଭିକାରୀ ଖଣ୍ଡାୟତ ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସନ୍ତୋଷ କୁମାର ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ସ୍ପୋର୍ଟସ୍ ହଷ୍ଟେଲ୍, ଭୁବନେଶ୍ୱର ଓ ଢେଙ୍କାନାଳ ଟିମ୍ ମଧ୍ୟରେ ମହିଳା ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ମହାନଦୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଗଣିଆ,୩।୩ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଥାନା ବଡ଼ମୂଳ ନିକଟସ୍ଥ ମହାନଦୀ କୂଳରୁ ସୋମବାର ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତବ୍ୟକ୍ତି ଜଣଙ୍କ କୌଣସି ପରିଚୟ ମିଳି ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ବ୍ୟକ୍ତି ଜଣଙ୍କ ଏକ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି (୪୦)। କିଛିଦିନ ତଳେ ଏହି ଅଞ୍ଚଳକୁ ବ୍ୟକ୍ତି ଜଣଙ୍କ ଆସି ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ।

ରବିବାର ଅପରାହ୍ନରେ କୌଣସି କାରଣବଶତଃ ମହାନଦୀ କୂଳକୁ ଏହି ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଜଣଙ୍କ ଯାଇଥିବା ବେଳେ ଗୋଡ ଖସି ମହାନଦୀ ଗଣ୍ଡ ମଧ୍ୟରେ ବୁଡି ଯାଇଥିବା ଅନୁମାନ କରାଯାଉଛି। ଗଣିଆ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ପ୍ରିତୀବାଳା ରଣା, ଖଣ୍ଡପଡ଼ା ଭାରପ୍ରାପ୍ତ ଏସ୍‌ଡିପିଓ ଦୀନେଶ କୁମାର ନାୟକ ଓ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେଣାଙ୍କ ଉପସ୍ଥିତିରେ ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ମୃତଦେହ ଜବତ କରାଯାଇଥିଲା। ପରେ ସାଇଣ୍ଟିଫିକ୍ ଓ ଡଗ୍ ସ୍କ୍ୱାଡ ଦ୍ୱାରା ଘଟଣାସ୍ଥଳରେ ପୋଲିସ ତଦନ୍ତ କରିଥିଲା। ପୋଲିସ ମୃତଦେହକୁ ଜବତ ପରେ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି।

# ନବକ୍ରୋଶ ରାଜ୍ୟ ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରୀ ବୈଠକ

ଖଣ୍ଡପଡ଼ା,୩।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନବକ୍ରୋଶ ରାଜ୍ୟ ତୈଳିକ ବୈଶ୍ୟ ସମାଜର ୮୭ତମ କାର୍ଯ୍ୟକାରୀ ବୈଠକ ବ୍ଲକ୍ ଅଧୀନ ଢୋଲମରା ପଞ୍ଚାୟତ କୃଷ୍ଣେଶ୍ୱରପାଟଣାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ତ୍ରିନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝିଅମାନଙ୍କ ଦ୍ୱାରା କୌଳିକ ସଙ୍ଗୀତ ଗାନ କରାଯାଇଥିଲା। ପରେ ଦିବଂଗତ ସ୍ୱଜାତୀୟ ବନ୍ଧୁ ଏବଂ ଦେଶମାତୃକା ପାଇଁ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ୮୬ତମ ସାଧାରଣ ଅଧିବେଶନର ବିବରଣୀ ପୁସ୍ତିକା ସଭାପତିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ପୂର୍ବ ଅଧିବେଶନର ବିବରଣୀ ପାଠ କରାଯାଇ ଦୃଢ଼ୀକରଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଆଗାମୀ ୮୭ତମ ଅଧିବେଶନ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଢୋଲମରାସ୍ଥିତ କୃଷ୍ଣେଶ୍ୱରପାଟଣା ବାଳିକା ବିଦ୍ୟାଳୟ ନିକଟସ୍ଥ ଆମ୍ରକାନନରେ ଆସନ୍ତା ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଆୟୋଜିତ ବୈଠକରେ କୋଷାଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କୁ ଚୟନ କରାଯାଇଥିବା ବେଳେ ୪ର୍ଥ ଶ୍ରେଣୀଠାରୁ ଯୁକ୍ତ ୩ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ନିମନ୍ତେ ନାମ ଚୟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବନମାଳୀ ସାହୁ, ଶିକ୍ଷା ସମ୍ପାଦକ ବନ୍ଧଦ୍ୱାରର ରାମଚନ୍ଦ୍ର ସାହୁ, ମହାସଭା ଅଧ୍ୟକ୍ଷ ଶରତ କୁମାର ସାହୁ, ନବ କିଶୋର ସାହୁ, ଚନ୍ଦ୍ର ପ୍ରକାଶ ପୃଷ୍ଟିଙ୍କ ସମେତ ବିଭିନ୍ନ ଅଞ୍ଚଳର ସଭାପତି ଓ ରାଜ୍ୟର ଶତାଧିକ ଜାତିଭାଇମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବଳରାମପ୍ରସାଦର ଉମାକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ସେମିଫାଇନାଲରେ ମା’ ମଙ୍ଗଳା କ୍ଲବ କଟକ

## ରାଜ୍ୟସ୍ତରୀୟ ଭାପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ନୟାଗଡ଼/ଭାପୁର,୩।୩ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ଭାପୁର ବ୍ଲକ ମହୋତ୍ସବ ପଡ଼ିଆରେ ସମ୍ପର୍କ କ୍ଲବ ଯୁବକ ସଂଘ ଦ୍ୱାରା ଆୟୋଜିତ ଓ ମୋ ମାଟି ଭାପୁର ଅନୁଷ୍ଠାନ ସହଯୋଗରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଚାଲିଛି। ସୋମବାର ୨ୟ ଦିବସ ମ୍ୟାଚରେ ମା’ ମଙ୍ଗଳା କ୍ଲବ, କଟକ ୫- ୧ ଗୋଲରେ ୱେଲଫେୟାର ରାଉରକେଲା ଫୁଟ୍‌ବଲ ଟିମ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧ କଡ଼ା ସଂଘର୍ଷପୂର୍ଣ୍ଣ ଥିଲା। କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ କଟକ ଟିମ୍‌ର ଜର୍ସି ନଂ. ୧୪ ସୁନୀଲ ସୌରନ୍ ୨ଟି ଗୋଲ ସ୍କୋର କରିଥିଲେ। ଖେଳର ୩ ମିନିଟ୍‌ରେ ଗୋଟିଏ ଗୋଲ ଓ ୧୨ ମିନିଟ୍‌ରେ ଆଉ ଗୋଟିଏ ଗୋଲ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କଟକ ଟିମ୍‌ର ଜର୍ସି ନଂ. ୮ ଖେଳାଳି ଗଣେଶ ସେଠୀ ରାଉରକେଲାକୁ ଆଉ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ ରଖିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରାଉରକେଲା ଦଳର ଜର୍ସି ନଂ. ୧୦ ଅର୍ଜୁନ ଭୀମ କଟକକୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରମେଶ ପ୍ରସାଦ ରାଉତ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ବାଳ ଗୋପାଳ ଷଡ଼ଙ୍ଗୀ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ତ୍ରିପାଠୀ, ସାମାଜିକ କର୍ମୀ ରଶ୍ମୀ ରଞ୍ଜନ ନାୟକ, ଜିତେନ୍ଦ୍ର କୁମାର ଖୁଣ୍ଟିଆ, ଉଦ୍ୟୋଗପତି ଭାଗୀରଥି ବେହେରା, ଧନେଶ୍ୱର ପାତ୍ର, ଲକ୍ଷ୍ମୀଧର ବରାଡ, ଗୁକୁନା ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ରାଜୁ ମହାନ୍ତି, ଲାଇନରେ ସହାୟତା କରିଥିଲେ। ପ୍ରଫୁଲ୍ଲ କୁମାର ବେହେରା, ପ୍ରସନ୍ନ ନାୟକ ଓ ଚତୁର୍ଥ ରେଫରୀ ଭାବେ ସାଗୀର୍ ଅହମ୍ମଦ ଓ ମ୍ୟାଚ କମିଶନର ଭାବରେ ଅବଦୁଲ୍ ଦୟାନ୍ ଖାଁ ଦାୟିତ୍ୱ ତୁଲାଇଥିଲେ। ବ୍ରଜବନ୍ଧୁ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ ମା’ ମଙ୍ଗଳା କ୍ଲବ କଟକ ସହିତ ଭଞ୍ଜନଗର ଫୁଟବଲ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପର୍କ କ୍ଲବର ସଭାପତି ନେତ୍ରାନନ୍ଦ ନାୟକଙ୍କଠାରୁ ସୂଚନା ମିଳିଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଅଧ୍ୟକ୍ଷାଙ୍କ ଫାର୍ମ ହାଉସ୍‌ରୁ ଜବରଦଖଲ ହଟିବ

## ଏନଜିଟ୍‌ଙ୍କ ନିର୍ଦ୍ଦେଶ ପରେ ଜିଲାପାଳଙ୍କ ତତ୍ପରତା

ନୟାଗଡ,୩।୩(ଲୋକନାଥ ମିଶ୍ର)

ନୟାଗଡ ଜିଲା ଖୋର୍ଦ୍ଧା ବନଖଣ୍ଡ ରଣପୁର ତହସିଲ ଆଖୁପଦର ଜଙ୍ଗଲ ପାଖ ରଣପୁର ଏନ୍ଏସି ଅଧ୍ୟକ୍ଷାଙ୍କ ଫାର୍ମ ହାଉସ୍‌ରୁ ଜବରଦଖଲ ଉଚ୍ଛେଦ ପାଇଁ ଏନ୍‌ଜିଟ୍ କଲିକତାଙ୍କ ନିର୍ଦ୍ଦେଶ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିସହ ପରିବେଶ ବାବଦ କ୍ଷତିପୂରଣ ଆଦାୟ କରିବାକୁ ଅନୁରୂପ ଭାବେ ଏନଜିଟ୍‌ଙ୍କ ନିର୍ଦ୍ଦେଶ ରହିଛି। ସଂରକ୍ଷିତ ଜଙ୍ଗଲରେ ବେଆଇନ ନିର୍ମାଣ ଓ ସରକାରୀ ସ୍କିମରେ ଅର୍ଥ ବ୍ୟୟ ହୋଇଥିବା ଅନୁରୂପ ଅଭିଯୋଗ ରହିଛି। ଫାର୍ମ ହାଉସ୍‌ଟି ରଣପୁର ଏନ୍ଏସି ଅଧ୍ୟକ୍ଷା ରଙ୍ଗିନ ମହାନ୍ତିଙ୍କ ନାଁରେ ଥିବାବେଳେ ସେ ବିଜେଡି ନେତା ସ୍ୱରାଜ ମହାନ୍ତିଙ୍କ ସ୍ତ୍ରୀ ବୋଲି ଜଣାପଡିଛି। ଏ ନେଇ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି ଏନଜିଟ୍‌ଙ୍କ ନିର୍ଦ୍ଦେଶ ମିଳିଛି। ଏନ୍‌ଜିଟ୍‌ଙ୍କ ନିର୍ଦ୍ଦେଶ ଯାହା କିଛି ଅଛି ଆମେ ତାକୁ ପାଳନ କରିବୁ। ହାଇପାୱାର କମିଟିର ରିପୋର୍ଟ ଅନୁସାରେ ଏନ୍‌ଜିଟ୍ ଅର୍ଡର କରିଛନ୍ତି। ଆଖୁପଦରର ଫାର୍ମ ହାଉସ୍‌କୁ ଜଣେ ସିନିୟର ଅଫିସରଙ୍କ ସୁପରଭିଜନରେ ଜବରଦଖଲ ଉଚ୍ଛେଦ କରାଯିବ। ଅନ୍ୟପକ୍ଷେ ସରକାରୀ ଯୋଜନାରେ ଯେଉଁ ଲାଭ ପାଇଛନ୍ତି ତା’ର ବି ତଦନ୍ତ କରାଯିବ ବୋଲି କହିଛନ୍ତି। ଏ ନେଇ ବିଜେଡି ନେତା ସ୍ୱରାଜ କହିଛନ୍ତି, ଏନ୍‌ଜିଟ୍ ଯେଉଁ ଫାଇନାଲ ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି ସମ୍ପୃକ୍ତ କପି ଆମର ହସ୍ତଗତ ହୋଇଛି। ସମ୍ପୃକ୍ତ କପିରେ ଉଚ୍ଛେଦ ନେଇ କୌଣସି ନିର୍ଦ୍ଦେଶନାମା ନାହିଁ। ଫାର୍ମ ପାଖରେ ଏକ ପୋଖରୀ ଅଛି। ସମ୍ପୃକ୍ତ ପୋଖରୀ ପାଣି ବନ ବିଭାଗ ଜମିକୁ ଲାଗି କରି ରହିଛି। ସମ୍ପୃକ୍ତ ପୋଖରୀ ଆମ ଫାର୍ମର ନୁହେଁ। ଗଛ କାଟି ରାସ୍ତା କରି ନାହୁଁ। ଆମର ୩୫ ଏକର ଜମି ଅଛି। ବନ ବିଭାଗର ୨ ଜମି ଆମେ ଦଖଲ କରିଛୁ ବୋଲି ଅଭିଯୋଗ ରହିଛି। ହେଲେ ସମ୍ପୃକ୍ତ ଜମି ଆମ ଦଖଲରେ ନାହିଁ ବୋଲି ସୂଚନା ଦେଇଛନ୍ତି।


ଆଖୁପଦର ଜଙ୍ଗଲ ଭିତରେ ଥିବା ଫାର୍ମ ହାଉସ୍।

